# NATIONAL NEWS BULLETIN (ODIA)
## 12th December - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁରି କଲେ କେନ୍ଦ୍ର କ୍ୟାବିନେଟ୍ ।
- ଚଳିତ ଆର୍ଥିକ ବର୍ଷ ଲାଗି ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବୀ ଆଜି ଲୋକସଭାରେ ଆଗତ କଲେ ଅର୍ଥମନ୍ତ୍ରୀ ।
- ଦେଶରେ ବିମାନ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବାପାଇଁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିବେ ସରକାର ।
- ମଣିପୁରରେ ସେନାପତିଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସଂଯୁକ୍ତ ଆରବ ଏମିରେଟ୍‌ସ୍‌କୁ ୨୩୪ ରନ୍‌ରେ ପରାସ୍ତ କଲା ଭାରତ ।

## କ୍ୟାବିନେଟ୍ - ସେନ୍‌ସସ୍

ଦେଶରେ ଆଗାମୀ ୨୦୨୭ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ୍ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂଆଦିଲ୍ଲୀରେ ଆଜି ଏ ସମ୍ପର୍କରେ ଗଣମାଧ୍ୟମକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୨୭ର ଜନଗଣନା କ୍ରମାନ୍ୱୟରେ ଷୋଡ଼ଶ ଏବଂ ସ୍ୱାଧୀନତା ପରଠାରୁ ଅଷ୍ଟମ ଜନଗଣନା ହେବ । ଭାରତର ଜନଗଣନା ବିଶ୍ୱର ସର୍ବବୃହତ୍ ପ୍ରଶାସନିକ ଏବଂ ତଥ୍ୟଭିତ୍ତିକ କାର୍ଯ୍ୟ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav on Census)*** :.........

ସେ କହିଛନ୍ତି, ଏହି ଅବସରରେ ଜାତିଭିତ୍ତିକ ଜନଗଣନା ମଧ୍ୟ କରାଯିବ । ଏହା ହେଉଛି, ସର୍ବପ୍ରଥମ ଡିଜିଟାଲ ଜନଗଣନା । ଉଭୟ ଆଣ୍ଡ୍ରଏଡ୍ ଏବଂ iOS ସଂସ୍କରଣରେ ଉପଲବ୍ଧ ମୋବାଇଲ୍ ଆପ୍‌ଦ୍ୱାରା ତଥ୍ୟ ସଂଗ୍ରହ କରାଯିବ । ୩୦ ଲକ୍ଷ କର୍ମଚାରୀ ଏହି ପ୍ରକ୍ରିୟାରେ ନିୟୋଜିତ ହେବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

*Voice (Baishnav digital census)* :.........

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୭ର ଜନଗଣନା ପ୍ରକ୍ରିୟାରେ ଦେଶର ସମଗ୍ର ଜନସଂଖ୍ୟାକୁ ସାମିଲ୍ କରାଯିବ । ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମେ ଆସନ୍ତା ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ପ୍ରତ୍ୟେକ ଘରର ତାଲିକା ପ୍ରସ୍ତୁତ କରାଯିବ। ଏହି ପ୍ରକ୍ରିୟାରେ ଘରକୁ ଘର ବୁଲି ସ୍ୱତନ୍ତ୍ର ପ୍ରଶ୍ନ ମାଧ୍ୟମରେ ଗୃହ ଏବଂ ଜନସଂଖ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି :

*Voice (Baishnav Census Phases)* :.....

କେନ୍ଦ୍ର କ୍ୟାବିନେଟ୍' ଆଜି କୋଇଲା ଲିଙ୍କେଜ ନୀତିରେ ସଂସ୍କାରମୂଳକ ପଦକ୍ଷେପସ୍ୱରୂପ କୋଲ୍-ସେତୁକୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ଏହି ପ୍ରକ୍ରିୟା ଅଧିକ ସହଜ ଓ ପ୍ରଭାବଶାଳୀ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, କୋଇଲା କ୍ଷେତ୍ରରେ ଦେଶ ଆତ୍ମନିର୍ଭର ହେବା ଦିଗରେ ଅଗ୍ରସର ହେଉଛି । ଶିଳ୍ପାନୁଷ୍ଠାନଗୁଡ଼ିକରେ କୋଇଲାକୁ ଦୀର୍ଘସୂତ୍ରୀ ଭିତ୍ତିରେ ବ୍ୟବହାର କରିବା ଉଦ୍ଦେଶ୍ୟରେ କୋଲ୍-ଲିଙ୍କେଜ୍ ନିଲାମୀ ପ୍ରକ୍ରିୟାକୁ ବ୍ୟବହାର କରାଯାଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଆଜି ୨୦୨୬ ଋତୁ ଲାଗି ଶୁଖିଲା ନଡ଼ିଆ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍.ଏସ୍.ପି.କୁ ମଞ୍ଜୁରୀ ପ୍ରଦାନ କରିଛି । ଏହାଦ୍ୱାରା ନଡିଆର ଉତ୍ପାଦନ ବୃଦ୍ଧି ପାଇବା ସହ କୃଷକମାନଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

# ଏଲ୍.ଏସ୍. - ସପ୍ଲିମେଣ୍ଟ ଡିମାଣ୍ଡ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚଦାବି ଏବଂ ବିନିଯୋଗ ବିଲ୍, ୨୦୨୫ ଆଗତ କରିଛନ୍ତି । ଏହି ଆର୍ଥିକ ବର୍ଷ ଲାଗି କନ୍‌ସୋଲିଡେଟେଡ୍ ପାଣ୍ଠିରୁ ଖର୍ଚ୍ଚ କରିବା ଲାଗି ମଞ୍ଜୁରି ପ୍ରଦାନ କରିବା ନିମନ୍ତେ ଏହି ବିଲ୍ ଆଗତ କରାଯାଇଛି । ଏତଦ୍‌ବ୍ୟତୀତ ୧ ଲକ୍ଷ ୩୨ ହଜାର କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଲାଗି ଏହି ବିଧେୟକ ସଂସଦର ଅନୁମୋଦନ ଲାଗି ଉପସ୍ଥାପନ କରାଯାଇଛି । ଏହି ଆଲୋଚନାରେ ଅଂଶଗ୍ରହଣ କରି ବି.ଜେ.ପି.ର ଜଗଦମ୍ବିକା ପାଲ’ ଦେଶର କୃଷକ ଓ ଗରିବମାନଙ୍କର କଲ୍ୟାଣ ଲାଗି ନରେନ୍ଦ୍ର ମୋଦିଙ୍କ ସରକାର ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ପ୍ରଶଂସା କରିଛନ୍ତି । ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା, ପି.ଏମ୍. କିଷାନ୍ ଅଧୀନରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର କରିବା ଏବଂ ଚାଷୀମାନଙ୍କୁ ରିହାତି ଦରରେ ସାର ଯୋଗାଇଦେବା ଭଳି ପଦକ୍ଷେପ ଏଥିରେ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି । ଶ୍ରୀ ପାଲ୍ କହିଛନ୍ତି, ମୋଦି ସରକାରଙ୍କ ସମୟୋପଯୋଗ ନୀତି ଏବଂ ଚାଷୀଙ୍କର କଠିନ ପରିଶ୍ରମ ଯୋଗୁଁ ଦେଶରେ ଚାଉଳ ଓ ଗହମ ରେକର୍ଡ଼ ପରିମାଣର ଉତ୍ପାଦନ ହୋଇପାରିଛି ।

# ଏଲ୍.ଏସ୍. - ଏୟାର ଫେୟାର୍

ଦେଶରେ ସରକାର ବିମାନ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବାଲାଗି ଖୁବ୍‌ଶୀଘ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ କହିଛନ୍ତି । ଆଜି ଲୋକସଭାରେ ଦେଶବ୍ୟାପୀ ବିମାନ ଭଡ଼ା ବୃଦ୍ଧି ପାଇବା ସମ୍ପର୍କରେ ସାଂସଦଙ୍କର ଉଦ୍‌ବେଗ ଉପରେ ନିଜର ପ୍ରତିକ୍ରିୟା ରଖି ଶ୍ରୀ ନାଇଡୁ’ ବିମାନ ଚଳାଚଳ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ମେଣ୍ଟାଇବା ଉଦ୍ଦେଶ୍ୟରେ ଦେଶରେ ମେଡ୍ ଇନ୍ ଇଣ୍ଡିଆ ବିମାନ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ୍’ ରୁଷର ବିମାନ କମ୍ପାନୁ ସୁଖୋଇ SJ-100 ସହିତ ମିଳିତ ଭାବେ ଏକ୍ଷେତ୍ରରେ କାର୍ଯ୍ୟ କରିବାର ସମ୍ଭାବନା ରହିଛି । ଶ୍ରୀ ନାଇଡୁ କହିଛନ୍ତି, ଅତ୍ୟାବଶ୍ୟକ ପରିସ୍ଥିତିରେ ବିମାନ ଭଡ଼ାକୁ ନିୟନ୍ତ୍ରଣ କରିବା ଲାଗି ସରକାରଙ୍କ କ୍ଷମତା ରହିଛି ଏବଂ ଅନେକ ସ୍ଥାନରେ ସରକାର ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଛନ୍ତି । ଏହାଦ୍ୱାରା ଯାତ୍ରୀମାନେ ଅଧିକ ଭଡ଼ାଜନିତ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସେ କହିଛନ୍ତି ।

# ନିୟୁ ମଣିପୁର - ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମଣିପୁରର ସେନାପତି ଜିଲ୍ଲା ପରିଦର୍ଶନ କରିବା ସହିତ ସେଠାରେ ୬ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ସେଥିମଧ୍ୟରେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଆଦର୍ଶ ଆବାସିକ ବିଦ୍ୟାଳୟ, ୧୦ କୋଟି ଟଙ୍କା ବ୍ୟୟ ୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଏବଂ ୧୧ କୋଟି ଟଙ୍କା ଅଟକଳରେ ନିର୍ମିତ ହୋଇଥିବା ୨ଟି ସେତୁ ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ସେ ଛାତ୍ରାବାସ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି କ୍ଷେତ୍ର ସହିତ ସଂଶ୍ଳିଷ୍ଟ ଅନ୍ୟ ୫ଟି ଉନ୍ନୟନମୂଳକ ପ୍ରକଳ୍ପ ଲାଗି ଶିଳାନ୍ୟାସ ମଧ୍ୟ କରିଛନ୍ତି ।

ସେନାପତି ଜିଲ୍ଲା ମୁଖ୍ୟାଳୟରେ ଏକ ରିଲିଫ୍ ଶିବିରରେ ଆଶ୍ରୟ ନେଇଥିବା ଲୋକଙ୍କୁ ଭେଟିବା ସହ ସେମାନଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି । ସେହିଭଳି ରାଜ୍ୟର ମରମ୍ ଜନଜାତିର ନେତାଙ୍କ ସହିତ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ପି.ଏମ୍.-ଜନ୍‌ମନ୍ ଅଧୀନରେ ଅବହେଳିତ ଜନଜାତି ସମ୍ପ୍ରଦାୟଙ୍କ ଜୀବନ ମାନ ଉନ୍ନତ କରିବା ଦିଗରେ ଅନେକ ପଦକ୍ଷେପ ନିଆଯାଇଛି । ମଣିପୁରର ଜନଜାତି ବର୍ଗଙ୍କ ସମ୍ମାନ, ସୁରକ୍ଷା ଏବଂ ଅଭିବୃଦ୍ଧି ସୁଯୋଗ ସୁନିଶ୍ଚିତ କରାଯିବା ସହ ଦେଶର ବିକାଶ ଦିଗରେ

ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ମରମ୍ ଜନଜାତି ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

## ସିକ୍କିମ୍ - ସିଡ୍ୟୁଲ୍ ଟ୍ରାଇବ୍

ସିକ୍କିମ୍‌ରେ ୧୨ଟି ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ପ୍ରଦାନ କରାଯିବା ସମ୍ପର୍କିତ ଏକ ପ୍ରସ୍ତାବ ରାଜ୍ୟ ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ରାଜ୍ୟ ସରକାରଙ୍କଦ୍ୱାରା ଏଥିଲାଗି ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟିଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ଆଧାରରେ ବିଧାନସଭା ଏହି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ସିକ୍କିମ୍‌ରେ ସମସ୍ତ ସମ୍ପ୍ରଦାୟକଙ୍କ ଲାଗି ସାମାଜିକ ସୁରକ୍ଷା ଏବଂ ଅପାର ସୁଯୋଗ ସୁନିଶ୍ଚିତ କରିବା ଦିଗରେ ଏହି ପଦକ୍ଷେପ ଏକ ପ୍ରମୁଖ ମାଇଲଖୁଣ୍ଟ ରୂପେ ସାବ୍ୟସ୍ତ ହେବ ବୋଲି ବିଧାନସଭାରେ ମତପ୍ରକାଶ ପାଇଛି ।

## ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍

ନିର୍ବାଚନ ଆୟୋଗ ୮ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାର ତଦାରଖ ପାଇଁ ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ନିଯୁକ୍ତ

କରିଛନ୍ତି । ଏହି ରାଜ୍ୟଗୁଡ଼ିକ ହେଲା – ପଶ୍ଚିମବଙ୍ଗ, ତାମିଲ୍‌ନାଡୁ, ଉତ୍ତର ପ୍ରଦେଶ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ । ଆସନ୍ତାବର୍ଷ ଫେବୃୟାରୀ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ ଏହି ପର୍ଯ୍ୟବେକ୍ଷକମାନେ ସମ୍ପୃକ୍ତ ରାଜ୍ୟରେ ସପ୍ତାହରେ ଦୁଇଦିନ ଉପସ୍ଥିତ ରହିବେ । ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ରାଜ୍ୟ ତଥା ଜିଲ୍ଲାସ୍ତରୀୟ ନେତୃତ୍ୱ ସହିତ ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ବୈଠକ କରିବେ । ସମଗ୍ର ପ୍ରକ୍ରିୟାକୁ ସୁଗମ ତଥା ସ୍ୱଚ୍ଛ ରଖିବା ସହିତ ଏଥିରେ ସେମାନଙ୍କର ଅଂଶଗ୍ରହଣକୁ ଅଧିକ ବଜାୟ ରଖିବା ଲାଗି ଏହି ପର୍ଯ୍ୟବେକ୍ଷକମାନେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଦ୍ୱାରା ଆହୂତ ବୈଠକରେ ଯୋଗଦେବେ । ସମଗ୍ର ସଂଶୋଧନ ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ କରିବା ସହିତ କୌଣସି ଯୋଗ୍ୟ ଭୋଟର୍ ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି କିମ୍ବା କୌଣସି ଅଯୋଗ୍ୟ ବ୍ୟକ୍ତି ଯେଭଳି ଭୋଟର ତାଲିକାରେ ସାମିଲ ହୋଇ ନ ପାରନ୍ତି, ତାହା ସୁନିଶ୍ଚିତ କରିବା ହେଉଛି ଏହି ପର୍ଯ୍ୟବେକ୍ଷକମାନଙ୍କର କାର୍ଯ୍ୟ ବୋଲି ଆୟୋଗ କହିଛନ୍ତସି ।

## ଏଲ୍.ଏସ୍. – ରେଲ୍‌ୱେ

ଦେଶରେ ରେଳ ଦୁର୍ଘଟଣା ୯୦ ପ୍ରତିଶତ ହ୍ରାସ ପାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ ସୂଚନା ଦେଇଛନ୍ତି । ଏ ସମ୍ପର୍କିତ

ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୦୪ରୁ ୨୦୧୪ ମଧ୍ୟରେ ଦେଶରେ ୧ ହଜାର ୭୧୧ଟି ରେଳ ଦୁର୍ଘଟଣା ଘଟିଥିବା ସମୟରେ ୨୦୨୪-୨୫ ବର୍ଷରେ ଏହା ୩୧କୁ ହ୍ରାସ ପାଇଛି । ଏହି ସଂଖ୍ୟା ୨୦୨୫-୨୬ରେ ୧୧ ରହିଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଯାତ୍ରୀମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ଭାରତୀୟ ରେଳବାଇ କାର୍ଯ୍ୟ କରୁଛି । ନିୟମିତ ପାଟ୍ରୋଲିଂ ଦ୍ୱାରା ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯିବା ସହିତ ରେଳବାଇ ସୁରକ୍ଷା ବଳ, ସରକାରୀ ରେଳବାଇ ପୁଲିସ ଏବଂ ପୁଲିସକୁ ନେଇ ମିଳିତ ଭାବେ ସୁରକ୍ଷା କାର୍ଯ୍ୟ ତଦାରଖ କରାଯାଉଛି । ଲୋକୋ ପାଇଲଟ୍‌ମାନଙ୍କୁ କୁହୁଡ଼ି ପ୍ରବଣ ଅଞ୍ଚଳରେ ସୁରୁଖୁରୁରେ ରେଳଗାଡ଼ି ନେବା ଉଦ୍ଦେଶ୍ୟରେ ଜି.ପି.ଏସ୍. ଭିତ୍ତିକ କୁହୁଡ଼ି ସୁରକ୍ଷା ଯନ୍ତ୍ର ଯୋଗାଇ ଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ୟୁ୧୯ - କ୍ରିକେଟ୍

୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ପ୍ରାରମ୍ଭିକ ମ୍ୟାଚ୍‌ରେ ଆଜି ଭାରତ ସଂଯୁକ୍ତ ଆରବ ଏମିରେଟ୍‌ସ୍‌କୁ ୨୩୪ ରନ୍‌ରେ ପରାସ୍ତ କରିଛି । ସଂଯୁକ୍ତ ଆରବ ଏମିରେଟ୍‌ସ୍ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ୍ ସଂଗ୍ରହ

କରିଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୯୫ଟି ବଲ୍‌ରୁ ସର୍ବାଧିକ ୧୭୧ ରନ୍ ସଂଗ୍ରହ କରିଥିଲେ । ୪୩୪ ରନ୍ ବିଜୟ ଲକ୍ଷ୍ୟର ପିଛା କରି ସଂଯୁକ୍ତ ଆରବ ଏମିରେଟ୍‌ସ୍ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୧୯୯ ରନ୍ କରିପାରିଥିଲା । ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ୍ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।

*****